## ସଂକ୍ଷେପରେ

### କୋରାପୁଟ ସହରର ସର୍ବୋଚ୍ଚ ତାପମାତ୍ରା ହୋଇଛି ୩୮.୨ ଡିଗ୍ରୀ

କୋରାପୁଟ,୧୮।୪(ଅମିତାଭ ବେହେରା)

କୋରାପୁଟ ସହରରେ ଗୁରବାର ଦିନର ତାପମାତ୍ରା ୩୮.୨ ଡିଗ୍ରୀରେ ପହଞ୍ଚିଥିଲା। ଚଳିତବର୍ଷର ଏହା ହେଉଛି କୋରାପୁଟ ସହରର ସର୍ବୋଚ୍ଚ ତାପମାତ୍ରା ବୋଲି ଜିଲା ଜରୁରୀ ବିଭାଗ ପକ୍ଷରୁ କୁହାଯାଇଛି। ସହରରେ ଏପରି ତାପମାତ୍ରା ବୃଦ୍ଧି ସହରବାସୀଙ୍କୁ ଏକପ୍ରକାର ଅସ୍ତବ୍ୟସ୍ତ କରିପକାଇଛି। ପୂର୍ବରୁ ଏପ୍ରିଲ ମାସରେ ଏପରି ତାପମାତ୍ରା ଅନୁଭୂତ ହୋଇ ନ ଥିଲା। ତେବେ ଗତବର୍ଷ ଏପ୍ରିଲ ମାସରେ କୋରାପୁଟ ସହରର ସର୍ବୋଚ୍ଚ ୩୭.୨ ଡିଗ୍ରୀ ରହିଥିଲା। ଦିନକୁ ଦିନ ସହରର ଜନସଂଖ୍ୟା ବୃଦ୍ଧି, ଗଛକଟା, ଜଙ୍ଗଲ ଶୂନ୍ୟ, ବ୍ୟାପକ ଗାଡିମୋଟର ଚଳାଚଳ ଏବଂ ଏସିର ବହୁଳ ବ୍ୟବହାର କୋରାପୁଟର ପରିବେଶକୁ ବିଗାଡି ଦେଉଛି। ଫଳରେ ତାପମାତ୍ରାରେ ସନ୍ତୁଳନ ରକ୍ଷାରେ ଅସାମାନତା ଦେଖାଦେଇଛି ବୋଲି ପରିବେଶବିତ୍ ମତ ଦେଉଛନ୍ତି।

### ଅଂଶୁଘାତରେ ଶିକ୍ଷୟିତ୍ରୀ ଗୁରୁତର

ଜୟପୁର,୧୮।୪(ପବନ ପାଣିଗ୍ରାହୀ)

ଅଂଶୁଘାତରେ ଜଣେ ଶିକ୍ଷୟିତ୍ରୀ ଗୁରୁତର ହୋଇଛନ୍ତି। ସେ ହେଲେ ଶିକ୍ଷୟିତ୍ରୀ ସୁଚିତ୍ରା ଦାସ । ଜୟପୁର ବ୍ଲକ ଅନ୍ତର୍ଗତ ଅନ୍ତା ସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଭାବେ ସେ କାର୍ଯ୍ୟ କରୁଛନ୍ତି। ପ୍ରବଳ ଗରମ ଓ ଗୁଳୁଗୁଳି ଯୋଗୁ ଗୁରୁବାର ସକାଳ ୯ଟାରେ ସେ ବିଦ୍ୟାଳୟ ପରିସରରେ ଅଚେତ ହୋଇ ପଡ଼ିଯାଇଥିଲେ। ତୁରନ୍ତ ବିଦ୍ୟାଳୟର ଅନ୍ୟ ଶିକ୍ଷୟିତ୍ରୀମାନେ ତାଙ୍କୁ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଶିକ୍ଷୟିତ୍ରୀ ଦାସ ଅଂଶୁଘାତର ଶିକାର ହୋଇଛନ୍ତି। ଏବେ ସେ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ସୂଚନା ଯୋଗ୍ୟ, ଏବେ ପ୍ରଚଣ୍ଡ ଖରା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଥିବା ବେଳେ ସକାଳ ୮ଟାରୁ ଉତ୍ତାପ ବଢିବାରେ ଲାଗୁଛି।

### କୋଟପାଡ଼ ନିର୍ବାଚନମଣ୍ଡଳୀରେ ବ୍ୟୟ ପର୍ଯ୍ୟବେକ୍ଷକଙ୍କ ସମୀକ୍ଷା

ଜୟପୁର,୧୮।୪(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା କୋଟପାଡ଼ ନିବାଚନ ମଣ୍ଡଳୀର ବ୍ୟୟ ପର୍ଯ୍ୟବେକ୍ଷକ ଭମ୍ବର ସିଂ ଗୁରୁବାର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନିର୍ବାଚନମଣ୍ଡଳୀ ଖର୍ଚ୍ଚର ସମୀକ୍ଷା କରିଛନ୍ତି ଫ୍ଲାଇଂ ସ୍କ୍ୱାଡ୍, ଷ୍ଟାଟିକ ସର୍ଭେଲନ୍ସ ଟିମ୍, ନିର୍ବାଚନ ସମ୍ବନ୍ଧୀୟ ଆୟ ବ୍ୟୟ ଉପରେ ସେ ସମୀକ୍ଷା କରିଥିବା ଜଣାପଡ଼ିଛି। ଏହି ଅବସରରେ ସିଂ ସ୍ୱଚ୍ଛ ନିର୍ବାଚନ ଉପରେ ଗୁରୁତ୍ୱାରୋପ କରି କଣ୍ଟ୍ରୋଲ ରୁମ୍ ପରିଦର୍ଶନ କରିଥିଲେ। ଏହି ସମୟରେ କୋଟପାଡ଼ ବିଡିଓ ବିକ୍ରମ ଦୋରା, ଏଇଓ ଅସିମା ପାଢ଼ୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

### ସିୟୁଓରେ ୨ ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଆଜି

କୋରାପୁଟ,୧୮।୪(ଅମିତାଭ ବେହେରା)

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ସିୟୁଓ)ର ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ସ୍କୁଲ ପକ୍ଷରୁ ବିଶ୍ୱବିଦ୍ୟାଳୟର ମୁଖ୍ୟ କ୍ୟାମ୍ପସ ସୁନାବେଡାଠାରେ 'ଏକ ସ୍ଥାୟୀ ଭବିଷ୍ୟତ ପାଇଁ ଜୈବ ବିବିଧତା ଏବଂ କୃଷିର ସାମ୍ପ୍ରତିକ ଅଗ୍ରଗତି'ଶୀର୍ଷକ ଦୁଇ ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହେବ । କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ସମ୍ମିଳନୀକୁ ଉଦ୍‌ଘାଟନ କରିବେ। ଭାରତୀୟ କୃଷି ଗବେଷଣା ପରିଷଦ ନୂଆଦିଲ୍ଲୀର ଫସଲ ବିଜ୍ଞାନ ବିଭାଗର ଅତିରିକ୍ତ ମହାନିର୍ଦ୍ଦେଶକ ଡ. ଶରତ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଲକ୍ଷ୍ନୌସ୍ଥିତ ଭାରତୀୟ ଉଦ୍ଭିଦ ବିଜ୍ଞାନ ଗବେଷଣା ପରିଷଦର ପୂର୍ବତନ ନିର୍ଦ୍ଦେଶକ ତଥା ପ୍ରଫେସର ସରୋଜକାନ୍ତ ବାରିକ ଅନ୍ୟତମ ଅତିଥି ରୂପେ ଯୋଗଦେଇ ବକ୍ତବ୍ୟ ରଖିବେ। ଉଦ୍‌ଯାପନୀ ଅଧିବେଶନରେ ପ୍ରଫେସର ଶିବ ପ୍ରସାଦ ଅଧିକାରୀ ଏବଂ ଗଞ୍ଜାମ ଜିଲା ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଅମରେନ୍ଦ୍ର ନାରାୟଣ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେବେ। ଜୈବ ବିବିଧତା ସଂରକ୍ଷଣ ଓ କୃଷି କ୍ଷେତ୍ରରେ ଅବଦାନ ପାଇଁ କୋରାପୁଟର ଦୁଇ ଜଣ ବ୍ୟକ୍ତି ପାତ୍ରପୁଟ ଗ୍ରାମର କୃଷକ ନେତ୍ରାନନ୍ଦ ଲେଙ୍କା ଓ ମାଣ୍ଡିଆ ସଂରକ୍ଷଣରେ ଅବଦାନ ପାଇଁ ରାଇମତୀ ଘିଉରିଆଙ୍କୁ ସମ୍ବର୍ଦ୍ଧିତ କରାଯିବାକୁ କାର୍ଯ୍ୟକ୍ରମ ରହିଥିବା ବିଶ୍ୱବିଦ୍ୟାଳୟ ଲୋକ ସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ସୂଚନା ଦେଇଛନ୍ତି।

# ଦେଢ଼ ଏକର ଜମିରୁ କଟିଲା ଶାଗୁଆନ ଗଛ

କୁନ୍ଦୁରା, ୧୮।୪(ସନ୍ତୋଷ ପ୍ରହରାଜ)



କଟାଯାଇଥିବା ଶାଗୁଆନ ଗଛ।

- ମୋ ଜମିରୁ ଗଛ କାଟିଥିବା ଦାବି କରୁଛନ୍ତି ଜମି ମାଲିକ
- ରାଜସ୍ୱ ବିଭାଗ ଜମି ଚିହ୍ନଟ କଲେ ଜଣାପଡିବ ପ୍ରକୃତ ତଥ୍ୟ
- ଜିଲା ପ୍ରଶାସନ ଦୃଷ୍ଟି ନ ଦେଲେ ପଦା ହୋଇଯିବ ଅନେକ ଜଙ୍ଗଲ

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଆସନା ପଞ୍ଚାୟତ ଲିମା ସେକ୍ସନ ଆସନା ବିଟ୍‌ର ପଦରକଣ୍ଟା ଶାଗୁଆନ ଜଙ୍ଗଲରୁ ୧୦୦ରୁ ଊର୍ଦ୍ଧ୍ୱ ଗଛ କଟାଯାଇଥିବା ଅଭିଯୋଗ ହୋଇଛି। ଗ୍ରାମବାସୀ ଏହା ଦେଖି ବନ ବିଭାଗକୁ ଜଣାଇବା ପରେ ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ଛବୀନ୍ଦ୍ର ରନ୍ଧାରୀ ଟିମ୍ ସହ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଆଜିକୁ ୨୦ ବର୍ଷ ତଳେ ଲଗାଯାଇଥିବା ଏହି ଗଛଗୁଡିକୁ ବନ ସୁରକ୍ଷା ସମିତ ଓ ବନ ବିଭାଗ ସୁରକ୍ଷା ଦେଇ ଆସୁଥିଲେ। ଗଛ କାଟିଥିବା ବ୍ୟକ୍ତି ଜଣକ ସେହି ଜମି ତାଙ୍କର ଏବଂ ଏହାର ପଟ୍ଟା ଥିବା ଦାବି କରି ଶାଗୁଆନ ଗଛଗୁଡିକୁ କାଟି ଦେଇଥିବା କହିଛନ୍ତି। ତେବେ ରାଜସ୍ୱ ବିଭାଗ ଦ୍ୱାରା ଜମି ଚିହ୍ନଟ କରାଗଲେ ପ୍ରକୃତ ତଥ୍ୟ ଜଣାପଡିବ ବୋଲି ମତ ପ୍ରକାଶ ପାଉଛି। ତଦନ୍ତ ପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ରନ୍ଧାରୀ କହିଛନ୍ତି।

ପ୍ରକାଶ ଯେ, ୨୦ ବର୍ଷ ତଳେ କୁନ୍ଦୁରା ବନାଞ୍ଚଳରେ ୨୫ ହେକ୍ଟରରୁ ଅଧିକ ଜମିରେ ସାମାଜିକ ବନ ପ୍ରକଳ୍ପ ଦ୍ୱାରା ଶାଗୁଆନ ଗଛ ଲଗାଇଥିଲା। କିଛି ବର୍ଷ ଯତ୍ନ ପରେ ବନ ସୁରକ୍ଷା ସମିତିକୁ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ମାତ୍ର ସମିତି କିମ୍ବା ବନ ବିଭାଗ ଏ ଦିଗରେ ଉଚିତ ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଲୋକେ ଶହ ଶହ ଗଛ କାଟିବାକୁ ପଛାଉ ନ ଥିବା ଅଭିଯୋଗ ହେଉଛି। ଏବେ କଟାଯାଇଥିବା ଗଛକୁ ବିଭାଗ ଜବତକରି ବନ ସଂରକ୍ଷଣ ସମିତି ଓ କାଟି ଥିବା ବ୍ୟକ୍ତିଙ୍କ ସହ ଆପୋସ ବୁଝାମଣା କରିଥିବା ଆଲୋଚନା ହେଉଛି। ସେହି ଜମିରେ ପୁଣିଥରେ ଗଛ ଲଗାଯିବ ବୋଲି ବନ ବିଭାଗ ପ୍ରକାଶ କରିଛି। ତେବେ କଟାଯାଇଥିବା ଦେଢ଼ ଏକର ଜମିରୁ ବିଭାଗୀୟ ଅଧିକାରୀ ୯୦ ଗଛ କଟାଯାଇଥିବା କହୁଥିବା ବେଳେ ସେତିକି ପରିମାଣର ଜମିରେ ୬୯୦ଟି ଗଛ ଲାଗିପାରିବ। ଯଦି ବିଭାଗୀୟ ଅଧିକାରୀଙ୍କ ଅନୁସାରେ ୯୦ ଗଛ କଟାଯାଇଛି ତେବେ ଅବଶିଷ୍ଟ ଗଛ ପୂର୍ବରୁ କଟାସରିଥିବା ସ୍ପଷ୍ଟ ହୋଇଛି। କେବଳ ଏହି ଜଙ୍ଗଲ ନୁହେଁ ଏହାକୁ ଲାଗିଥିବା ପ୍ରାୟ ୨୫ରୁ ୩୦ ହେକ୍ଟର ଜମିରେ ୨୫ ବର୍ଷ ତଳେ ନୀଳଗିରି ଆକାଶିଆ, ଚାକୁଣ୍ଡା, ନିମ, କରଞ୍ଜ ଭଳି ଗଛ ଲାଗିଥିଲା। ଏସବୁକୁ ୩ ବର୍ଷ ତଳୁ ଲୋକେ ସମ୍ପୂର୍ଣ୍ଣ କାଟି ନେଇଥିଲେ। କାଟି ନେବା ପରେ ପୁନର୍ବାର ସେହି ଜମିରେ ଗଛ ଲଗାଇଛି ବିଭାଗ। ଏ ଦିଗରେ ଜିଲା ପ୍ରଶାସନ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ବ୍ଲକର ବିଭିନ୍ନ ଅଞ୍ଚଳର ଜଙ୍ଗଲ ସୁରକ୍ଷିତ ରହିପାରିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି । ସୂଚନାଯୋଗ୍ୟ, ଏବେ ଯେଉଁ ଗଛ କଟାଯାଇଛି ତାହା ସରକାରୀ ଦରରେ ବିକ୍ରି ଯୋଗ୍ୟ ନୁହେଁ, କେବଳ ଜାଳେଣି ଭାବେ ବିକ୍ରି ହୋଇପାରିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## ଖବର ପ୍ରକାଶ ପରେ ହିତାଧିକାରୀଙ୍କୁ ଭତ୍ତା ଦେଲେ ପିଇଓ

ବୈପାରିଗୁଡା,୧୮।୪ (କଳ୍ପତରୁ ମହାନ୍ତି)

**ଧରିତ୍ରୀ ପ୍ରଭାବ**



କୋରାପୁଟ ଜିଲା ବୈପାରିଗୁଡା ବ୍ଲକ ଅନ୍ତର୍ଗତ ଦୋରାଗୁଡା ପଞ୍ଚାୟତ ବଡଅଞ୍ଚାଳ ଗ୍ରାମର ଦାସ ଖରା (୭୦) ବାର୍ଦ୍ଧକ୍ୟ ଭତ୍ତା ପାଇଁ ପଞ୍ଚାୟତ କାର୍ଯ୍ୟାଳୟରୁ ବ୍ଲକ ଅଫିସ୍ ଦୌଡି ନୟାନ୍ତ ହୋଇପଡଥିଲେ। ଗତ ମାସରେ ତାଙ୍କ ସମ୍ପର୍କରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କାର୍ତ୍ତିକ ପାଢୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ୩ ମାସ ତଳେ ତାଙ୍କର ଭତ୍ତା ଆବେଦନ ମଞ୍ଜୁର ହୋଇଥିବା କହିଥିଲେ। ଗତ ମାସ ୨୧ରେ ପାଢୀ ସମ୍ପୃକ୍ତ ପଞ୍ଚାୟତର ନିର୍ବାହି ଅଧିକାରୀ (ପିଇଓ) ଶିରିଶ ନାୟକଙ୍କୁ ଦାସ ଖରାଙ୍କୁ ଭତ୍ତା କାର୍ଡ ଦେବା ସହ ତାଙ୍କୁ ତୁରନ୍ତ ଭତ୍ତା ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସମ୍ପୃକ୍ତ ପିଇଓ ଏହାକୁ ଗୁରୁତ୍ୱ ଦେଇ ନ ଥିଲେ। ଏପରିକି ଦାସ ଖରା ଭତ୍ତା ପାଇଁ ବାରମ୍ବାର ପଞ୍ଚାୟତ ଅଫିସକୁ ଯାଇ ନିରାଶ ହୋଇ ଫେରୁଥିଲେ । ଏ ସମ୍ପର୍କରେ ଏକ ଖବର ଧରିତ୍ରୀରେ ଗୁରୁବାର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ତତ୍ପରତା ପ୍ରକାଶ କରି ଗୁରୁବାର ଦିନ ହିଁ ପିଇଓ ନାୟକ ଦାସଙ୍କୁ ପଞ୍ଚାୟତ କାର୍ଯ୍ୟାଳୟକୁ ଡାକି ୨ ମାସର ଭତ୍ତା ବାବଦକୁ ୨ ହଜାର ଟଙ୍କା ପ୍ରଦାନ କରିଥିଲେ।

## ଅବିଭକ୍ତ କୋରାପୁଟ ଜିଲାର ପ୍ରଥମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ପାଇଁ ବିଜ୍ଞପ୍ତି

ଜୟପୁର,୧୮।୪(ପବନ ପାଣିଗ୍ରାହୀ)

ଅବିଭକ୍ତ କୋରାପୁଟ ଜିଲା ପ୍ରଥମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ପାଇଁ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଚଳିତ ମାସ ୨୫ ତାରିଖ ପର୍ଯ୍ୟନ୍ତ ନାମାଙ୍କନପତ୍ର ଦାଖଲ କରାଯାଇପାରିବ। ନାମାଙ୍କନପତ୍ର ଯାଞ୍ଚ ଏପ୍ରିଲ ୨୬ ଓ ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇଁ ଏପ୍ରିଲ ୨୭ ତାରିଖ ଧାର୍ଯ୍ୟ କରାଯାଇଛି। ଏହି ପର୍ଯ୍ୟାୟ ପାଇଁ ଆସନ୍ତା ମେ ୧୩ରେ ମତଦାନ ହେବ। ପ୍ରଥମ ପର୍ଯ୍ୟାୟରେ ଅବିଭକ୍ତ କୋରାପୁଟ ଜିଲାର ୨ଟି ଲୋକ ସଭା ଆସନ କୋରାପୁଟ ଓ ନବରଙ୍ଗପୁର ସମେତ ୧୪ଟି ବିଧାନସଭା ଆସନ ପାଇଁ ନିର୍ବାଚନ ହେବ । ଏହା ଅନ୍ତର୍ଗତ ବିଧାନସଭା ଆସନଗୁଡିକ ହେଲା ନବରଙ୍ଗପୁର ଜିଲାର ଉମରକୋଟ,ଝରିଗାଁ, ନବରଙ୍ଗପୁର, ଡାବୁଗାଁ। ରାୟଗଡ଼ା ଜିଲାର ଗୁଣପୁର, ବିଷମକଟକ, ରାୟଗଡ଼ା। କୋରାପୁଟ ଜିଲାର ଲକ୍ଷ୍ମୀପୁର,କୋଟପାଡ଼, ଜୟପୁର, କୋରାପୁଟ ଓ ପଟ୍ଟାଙ୍ଗି। ସେହିପରି ମାଲକାନଗିରି ଜିଲାର ମାଲକାନଗିରି ଓ ଚିତ୍ରକୋଣ୍ଡା ବିଧାନସଭା ଆସନ। ଏଥିପାଇଁ ଗୁରୁବାରଠାରୁ ନାମାଙ୍କନ ଲାଗି ଫର୍ମ ପ୍ରଦାନ କରାଯାଉଛି। ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ କୋଟପାଡ଼ ଓ ଜୟପୁର ନିର୍ବାଚନମଣ୍ଡଳୀ ପାଇଁ ମାଗଣା ଫର୍ମ ମିଳୁଛି। ଆଜି ପ୍ରଥମ ଦିନରେ ୧୦ଟି ଫର୍ମ ପ୍ରାର୍ଥୀମାନେ ନେଇଥିବା ଜୟପୁର ଉପଖଣ୍ଡ ନିର୍ବାଚନ ଅଧିକାରୀ ପ୍ରଭାତ ପରିଡ଼ା ସୂଚନା ଦେଇଛନ୍ତି । ଆବେଦନ ଲାଗି ସାଧାରଣ ବର୍ଗ ୧୦ ହଜାର ଟଙ୍କା ଦେବାକୁ ଥିବା ବେଳେ ଏସ୍‌ସି ଓ ଏସ୍‌ଟି ପ୍ରାର୍ଥୀଙ୍କ ପାଇଁ ୫ ହଜାର ଟଙ୍କା ରହିଛି ।



ପ୍ରବଳ ଗ୍ରୀଷ୍ମତାପକୁ ଦୃଷ୍ଟିରେ ରଖି କୋରାପୁଟ ସହରରେ ଜଣେ ବ୍ୟବସାୟୀ ଖୋଲିଥିବା ତରଭୁଜ ପସରା।

## କଂଗ୍ରେସ ପ୍ରାର୍ଥୀଙ୍କ ନାମରେ ଜମି ହଡପ ଅଭିଯୋଗ

କୋରାପୁଟ,୧୮।୪(ଅମିତାଭ ବେହେରା)

କୋରାପୁଟ ଜିଲା କୋରାପୁଟ ଜିଲା ପଟ୍ଟାଙ୍ଗି ନିର୍ବାଚନମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ରାମଚନ୍ଦ୍ର କାଡ଼ାମଙ୍କ ବିରୋଧରେ ବିଜେଡି ଯୁବନେତା ରବୀନ ଚାନ୍ଦ ଟାକ୍ରି ଜମି ହଡପ ଅଭିଯୋଗ ଆଣିଛନ୍ତି। ଗୁରୁବାର କୋରାପୁଟ ମିଶନ କମ୍ପାଉଣ୍ଡଠାରେ ତାଙ୍କ ବାସଭବନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଟାକ୍ରି ଏହି ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ, ସେମିଳିଗୁଡାଠାରେ ତାଙ୍କ ନାମରେ ଏକ ଜାଗା ରହିଛି। ଏହି ଜାଗାକୁ ନିଜର କରିବାକୁ କାଡାମ ଉଦ୍ୟମ କରୁଛନ୍ତି। ଲୋକ ଲଗାଇ ତାଙ୍କୁ ଧମକଚମକ ଦେଉଛନ୍ତି। କାଡାମ ମିଛ ଏଗ୍ରିମେଣ୍ଟ କରି ଏହି ଜମିକୁ ବିକ୍ରି କରିବାକୁ ଉଦ୍ୟମ କରୁଛନ୍ତି। ଏଥିପାଇଁ ଦସ୍ତଖତ ଦେବାକୁ ତାଙ୍କୁ ବାଧ କରାଯାଉଥିବା ଟାକ୍ରି ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଏହି ଅଭିଯୋଗକୁ କଂଗ୍ରେସ ପ୍ରାର୍ଥୀ କାଡାମ ଦୃଢତାର ସହ ଖଣ୍ଡନ କରିବା ସହିତ ବିଜେଡି ପକ୍ଷରୁ ତାଙ୍କ ବିରୋଧରେ ଷଡ଼ଯନ୍ତ୍ର କରାଯାଉଥିବା ପ୍ରକାଶ କରିଛନ୍ତି। ସଂପୃକ୍ତ ଜମିଜମା ସମ୍ପର୍କିତ କାରବାରରେ ସେ ସଂପୃକ୍ତ ନାହାନ୍ତି। ଅଯଥାରେ ତାଙ୍କୁ ଟଣା ଯାଉଛି। ନିର୍ବାଚନ ମଣ୍ଡଳୀରେ ତାଙ୍କ ଲୋକପ୍ରିୟତାକୁ ଭୟ କରି ତାଙ୍କୁ ବଦନାମ କରିବାକୁ ଚେଷ୍ଟା କରାଯାଉଛି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଟାକ୍ରି ପୂର୍ବରୁ ଦୀର୍ଘ ଦିନ ଧରି କଂଗ୍ରେସରେ ରହିଥିବା ବେଳେ ଗତ ଫେବୃଆରୀରେ ସେ ବିଜେଡିରେ ଯୋଗ ଦେଇଛନ୍ତି।

## ଭୋଟ ପାଇଁ କାନ୍ଥ ଲିଖନ ପ୍ରଚାର



ପୁରସ୍କୃତ ଚିତ୍ରଶିଳ୍ପୀମାନେ।

ଜୟପୁର,୧୮।୪(ପବନ ପାଣିଗ୍ରାହୀ)

**ଜିଲା ପ୍ରଶାସନର ଅଭିନବ ପ୍ରୟାସ**

କୋରାପୁଟ ଜିଲା ପ୍ରଶାସନ ଲୋକଙ୍କୁ ଭୋଟ ଦେବାକୁ ଉତ୍ସାହିତ କରିବାକୁ ଏକ ଅଭିନବ ପ୍ରୟାସ ଆରମ୍ଭ କରିଛି। ଜୟପୁର ସରକାରୀ ହାଇସ୍କୁଲ କାନ୍ଥରେ ଭୋଟ ଦେବାପାଇଁ ବିଭିନ୍ନ ପ୍ରକାର ଚିତ୍ର ଆଙ୍କି ଭୋଟରଙ୍କୁ ଆକୃଷ୍ଟ କରୁଛି। ଏଥିରେ ୧୬ ଜଣ ସ୍ଥାନୀୟ ଚିତ୍ରକାର ନିର୍ବାଚନର ବାର୍ତ୍ତା ସମ୍ବଳିତ ଚିତ୍ର ଆଙ୍କି ପୁରସ୍କୃତ ହୋଇଛନ୍ତି। ଏହି ପୁରସ୍କାର ବିତରଣ ଉତ୍ସବରେ ଅତିଥି ରୂପେ ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ଏବଂ ଜିଲା ପରିଷଦ ଅଧିକାରୀ ହିମାଂଶୁ ଭୂଷଣ ଶତପଥୀ ଉପସ୍ଥିତ ଥିଲେ ।

## ଜଳ ଟିକସ ପୈଠ ନ କଲେ ବିଚ୍ଛିନ୍ନ ହେବ ଜଳ ଯୋଗାଣ

କୋରାପୁଟ,୧୮।୪(ଅମିତାଭ ବେହେରା)

**ପାନୀୟ ଜଳ ସୁପରିଚାଳନା ନେଇ ବୈଠକ**

କୋରାପୁଟ ସହରରେ ବର୍ତ୍ତମାନ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ସହରରେ ପାନୀୟ ଜଳର ସୁପରିଚାଳନା ନେଇ ଜନସ୍ୱାସ୍ଥ୍ୟ ବିଭାଗର ଏକ ବୈଠକ ଗୁରୁବାର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଉପଖଣ୍ଡ ସହକାରୀ ନିର୍ବାହୀ ଯନ୍ତ୍ରୀ ରାମକୃଷ୍ଣ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କନିଷ୍ଠ ଯନ୍ତ୍ରୀ ତପସ୍ୱିନୀ ନାୟକ, ପ୍ରକଳ୍ପ ସଂଯୋଜକ ସଦାନନ୍ଦ ମହାରଣା, କୋରାପୁଟ ମ୍ୟୁନିସିପାଲିଟିର ସିଏମ୍‌ୟୁ ମ୍ୟାନେଜର ଶଶିକାନ୍ତ ସ୍ୱାଇଁ , ପ୍ରକଳ୍ପ ଅଧିକାରୀ ସନ୍ଦିପ ମହାକୁଡ, ଗୌତମୀ ବେହେରାଙ୍କ ସହ ଜଳ ସାଥୀମାନେ ଉପସ୍ଥିତ ଥିଲେ। ଜନସାଧାରଣଙ୍କୁ ଆବଶ୍ୟକ ପାନୀୟ ଜଳ ପ୍ରଦାନ, ସମସ୍ୟାର ଶୀଘ୍ର ସମାଧାନ, ଜନସାଧାରଣଙ୍କ ଉପରେ ଥିବା ବକେୟା ଟିକସ ଆଦାୟ ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଯେଉଁ ହିତାଧିକାରୀମାନେ ସେମାନଙ୍କ ବକେୟା ଜଳ ଟିକସ ମାସ ମାସ ଧରି ରଖିଥିବେ ସେମାନଙ୍କ ଉପରେ କଡା ପଦକ୍ଷେପ ସ୍ୱରୂପ ସେମାନଙ୍କ ପାଇପକୁ ଜଳଯୋଗାଣ ବନ୍ଦ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା । ସୂଚନାଯୋଗ୍ୟ, କୋରାପୁଟ ସହରର ୨୧ଟି ୱାର୍ଡରେ ଜଳର ସୁପରିଚାଳନା ସହ ଜଳ ଟିକସ ଆଦାୟ ପାଇଁ ରୂପା ହିଆଲ, ଜହ୍ନ ମୁଦୁଲି, ଧନେଶ୍ୱରୀ ବର୍ଡିଆ, ଗିତାରାଣୀ ମୁଦୁଲି, ଉମା ନାଗଙ୍କୁ ଜଳସାଥୀ ରୂପେ ବିଭାଗ ନିଯୁକ୍ତି ଦେଇଛି। ଏହି ଜଳ ସାଥୀମାନେ ପ୍ରତିମାସରେ ଘର ଘରକୁ ଯାଇ ଜଳ ଟିକସ ଆଦାୟ କରିବେ। କାର୍ଯ୍ୟାଳୟର ବରିଷ୍ଠ ହିସାବ ରକ୍ଷକ ଶଙ୍କର୍ଷଣ ବାରିକ ବୈଠକ ପରିଚାଳନାରେ ସହାୟତା କରିଥିଲେ ।

## ଗଙ୍ଗାମା'ଙ୍କ ଘଟଯାତ୍ରା ଆରମ୍ଭ

ଜୟପୁର,୧୮।୪(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ଗଙ୍ଗାନଗରସ୍ଥିତ ଗଙ୍ଗା ମା'ଙ୍କ ଘଟଯାତ୍ରା ଗୁରୁବାର ଆରମ୍ଭ ହୋଇଛି । ରୀତିନୀତି ଅନୁଯାୟୀ ବାଜା ବାଜଣାରେ ସ୍ଥାନୀୟ ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ନିକଟକୁ ଯାଇ ପୂଜାର୍ଚ୍ଚନା କରି ଆଜ୍ଞାମାଳ ଅଣାଯାଇଥାଏ। ପରେ ନୂତନ କଳସ ଆଣାଯାଇ ପୂଜା କରାଯାଏ। ଚୈତ ଦଶମୀ ତିଥିରେ ଯାତ୍ରା ଆରମ୍ଭ ହୋଇ ଏହା ୫ ଦିନ ଚାଲିଥାଏ । ଏହି ୫ ଦିନ ବାଜା ବଜାଇ ମା'ଙ୍କ ପ୍ରତୀକ ଘଣ୍ଟ ହାଣ୍ଡି ଓ ଫୁଲ ଚାଙ୍ଗୁଡି ମୁଣ୍ଡରେ ଧରି ଭକ୍ତମାନେ ସାହି ପରିକ୍ରମା କରନ୍ତି । ରାଷ୍ଟ୍ର ମଙ୍ଗଳ ପାଇଁ ମା' ସାହି ସାହି ଘରଘର ବୁଲି ଭୋଗ ଲାଗି ହୋଇଥାନ୍ତି। ପରେ ବିଳମ୍ବିତ ରାତିରେ ମା'ଙ୍କ ପ୍ରତୀକ ଘଣ୍ଟ ହାଣ୍ଡି ମନ୍ଦିରକୁ ଫେରିଥାଏ । ସେହି ସମୟରେ ଘଣ୍ଟକୁ ଧରିଥିବା ଭକ୍ତଙ୍କୁ ଖଣ୍ଡାରେ ଝୁଲାଯାଇ ଶାନ୍ତି କରି ମନ୍ଦିରକୁ ନିଆଯାଏ।



## ପ୍ରଥମ ଦିନରେ କୌଣସି ପ୍ରାର୍ଥୀ ନେଇନାହାନ୍ତି ନାମାଙ୍କନପତ୍ର

**ଲକ୍ଷ୍ମୀପୁର ବିଧାନସଭା ଆସନ**

କୋରାପୁଟ,୧୮।୪(ଅମିତାଭ ବେହେରା)



ପଟ୍ଟାଙ୍ଗି ବିଧାନସଭା ଆସନ ପାଇଁ ଜଣେ ପ୍ରାର୍ଥୀ ନାମାଙ୍କନପତ୍ର ନେଉଛନ୍ତି।

ଆସନ୍ତା ମେ ୧୩ରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ । ଏନେଇ ଗୁରୁବାରଠାରୁ ବିଧାନସଭା ଓ ଲୋକ ସଭା ଆସନ ପାଇଁ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ଦିନରେ ଜଣେ କଂଗ୍ରେସ ପ୍ରାର୍ଥୀ ତାଙ୍କ ପ୍ରାର୍ଥିପତ୍ର ଦାଖଲ କରିଥିବା ରିଟର୍ନିଂ ଅଧିକାରୀ ତଥା କୋରାପୁଟ ଉପଜିଲାପାଳ ବେଣୁଧର ଶବର କହିଛନ୍ତି। ତେବେ ପୂର୍ବାହ୍ନ ୧୧ଟାରୁ ପଟ୍ଟାଙ୍ଗି ଓ କୋରାପୁଟ ବିଧାନସଭା ଆସନ ପାଇଁ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଲକ୍ଷ୍ମୀପୁର ବିଧାନସଭା ଆସନ ପାଇଁ ରିଟର୍ନିଂ ଅଧିକାରୀ ଅତିରିକ୍ତ ଜିଲାପାଳ ଲମ୍ବଜିତ ରାଉତଙ୍କ କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଦାଖଲ ଆରମ୍ଭ ହୋଇଥିଲା । ତେବେ ଲକ୍ଷ୍ମୀପୁର ବିଧାନସଭା ଆସନ ପାଇଁ ପ୍ରଥମ ଦିନରେ କୌଣସି ପ୍ରାର୍ଥୀ ନାମାଙ୍କନପତ୍ର ନେଇ ନ ଥିବା ଅତିରିକ୍ତ ଜିଲାପାଳ ରାଉତ ସୂଚନା ଦେଇଛନ୍ତି। କୋରାପୁଟ ଲୋକ ସଭା ଆସନ ନିମନ୍ତେ କୋରାପୁଟ ଜିଲାପାଳ ଭି.କୀର୍ତ୍ତିଭାସନଙ୍କ କାର୍ଯ୍ୟାଳୟରେ ନାମାଙ୍କନପତ୍ର ପ୍ରକ୍ରିୟା ଆରମ୍ଭ ହୋଇଥିଲା । ପଟ୍ଟାଙ୍ଗି ବିଧାନସଭା ଆସନ ପାଇଁ ବିଭିନ୍ନ ଦଳର ପ୍ରାର୍ଥୀ ୪ ସେଟ୍ ନାମାଙ୍କନପତ୍ର ନେଇଥିବା ଜଣାଯାଇଛି । ସେହିପରି କୋରାପୁଟ ଲୋକ ସଭା ପାଇଁ ଗୋଟିଏ ସେଟ୍ ନାମାଙ୍କନପତ୍ର ପ୍ରାର୍ଥୀ ନେଇଥିବା ରିଟର୍ନିଂ ଅଧିକାରୀ ତଥା ଜିଲାପାଳ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, କଂଗ୍ରେସର କୃଷ୍ଣ କୁଳଦୀପ କୋରାପୁଟ ବିଧାନସଭା ଆସନ ପାଇଁ ତାଙ୍କ ପ୍ରାର୍ଥିପତ୍ର ରିଟର୍ଣ୍ଣି ଅଧିକାରୀ ତଥା କୋରାପୁଟ ଉପଜିଲାପାଳ ବେଣୁଧର ଶବରଙ୍କ ନିକଟରେ ଦାଖଲ କରିଛନ୍ତି। ଗୁରୁବାରଠାରୁ ଆରମ୍ଭ ହୋଇଥିବା ଏହି ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆସନ୍ତା ୨୫ ତାରିଖ ଯାଏ ଚାଲିବ।

# ନିୟମଗିରିରେ ମ୍ୟାଲେରିଆ ଆତଙ୍କ

## ଡଙ୍ଗରିଆ କନ୍ଧଙ୍କୁ ଚିକିତ୍ସା କରୁଛି ଡାକ୍ତରୀ ଟିମ୍

ରାୟଗଡ଼ା,୧୮।୪(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ନିୟମଗିରି ଅଞ୍ଚଳରେ ମ୍ୟାଲେରିଆ ଆତଙ୍କ ଦେଖାଦେଇଛି। ନିୟମଗିରିରେ ବସବାସ କରୁଥିବା ଆଦିମ ଜନଜାତି ଡଙ୍ଗରିଆ କନ୍ଧ ମ୍ୟାଲେରିଆରେ ଆକ୍ରାନ୍ତ ହୋଇଛନ୍ତି। ମୁନିଗୁଡ଼ା ବ୍ଲକ ଖମ୍ବେସୀ ଗ୍ରାମରେ ୩ ଜଣ ମ୍ୟାଲେରିଆରେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଖବରପାଇ ଗୁରୁବାର ଡାକ୍ତରୀ ଟିମ୍ ସେଠାରେ ପହଞ୍ଚି ଚିକିତ୍ସା ଆରମ୍ଭ କରିଛନ୍ତି।

ଗତ କିଛିଦିନ ହେବ ନିୟମଗିରି ପାହାଡ଼ର ବିଭିନ୍ନ ଗ୍ରାମରେ ଜ୍ୱର ଆତଙ୍କ ଦେଖା ଦେଇଥିଲା । ଖବରପାଇ ଗତ ୧୩ ତାରିଖରେ ଡାକ୍ତରୀ ଟିମ୍ ସେଠାରେ ପହଞ୍ଚି ରକ୍ତ ନମୁନା ଯାଞ୍ଚ କରିବା ପରେ ମ୍ୟାଲେରିଆ ଜୀବାଣୁ ଚିହ୍ନଟ ହୋଇଥିଲା। ଆଉ କିଛି ଜଣ ଝଡ଼ାଫୁଙ୍କା ପାଇଁ ଚାଲିଯାଇଥିବାରୁ ସେମାନଙ୍କ ଚିକିତ୍ସା ହୋଇପାରି ନ ଥିଲା। ଗୁରୁବାର ପୁଣି ଉକ୍ତ ଗ୍ରାମରେ ଡାକ୍ତରୀ ଟିମ୍ ପହଞ୍ଚି ଅଳ୍ପ କିଛି ନମୁନା ପରୀକ୍ଷା କରିଥିବାବେଳେ ୩ ଜଣ ମ୍ୟାଲେରିଆ ଆକ୍ରାନ୍ତ ଥିବା ରିପୋର୍ଟରେ ଜଣାପଡ଼ିଛି। ପରେ ସମସ୍ତଙ୍କ ରକ୍ତ ନମୁନା ସଂଗ୍ରହକରି ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଣାଯାଇଛି। ସେମାନଙ୍କ ପରୀକ୍ଷା ପରେ କେଉଁ ପ୍ରକାର ମ୍ୟାଲେରିଆ ଜୀବାଣୁ ରହିଛନ୍ତି ତାହା ଜଣାପଡ଼ିବ। ସମସ୍ତ ଜ୍ୱର ଆକ୍ରାନ୍ତଙ୍କୁ ମ୍ୟାଲେରିଆ ଔଷଧ ବିତରଣ କରାଯାଇଥିବା ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ମମତା ଚୌଧୁରୀ କହିଛନ୍ତି। ତେବେ ମ୍ୟାଲେରିଆ ଅନ୍ୟ ଗାଁକୁ ବ୍ୟାପିଥିବା ଅନୁମାନ କରାଯାଉଛି। ଶୁକ୍ରବାର ପୁଣି ଏକ ଡାକ୍ତରୀ ଟିମ୍ ଅନ୍ୟ ଗାଁ ପରିଦର୍ଶନ କରିବା ସହିତ ମୋବାଇଲ ସ୍ୱାସ୍ଥ୍ୟ ଟିମ୍ ସମସ୍ତ ଅଞ୍ଚଳକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିବେ ବୋଲି ସୂଚନା ମିଳିଛି। ପ୍ରତିବର୍ଷ ଗ୍ରୀଷ୍ମଋତୁରେ ନିୟମଗିରି ପାହାଡ଼ର ବିଭିନ୍ନ ଗ୍ରାମରେ ମ୍ୟାଲେରିଆ ଓ ମିଳିମିଳା ବ୍ୟାପୁଛି। ତେବେ ଗ୍ରୀଷ୍ମଋତୁ ପୂର୍ବରୁ ସ୍ୱାସ୍ଥ୍ୟ ବିଭାଗ ଠିକ୍ ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଏହାର ପୁନରାବୃତ୍ତି ଘଟୁଥିବା ଆଲୋଚନା ହେଉଛି।



ଖମ୍ବେସିରେ ଡାକ୍ତରୀ ଟିମ୍ ମ୍ୟାଲେରିଆ ଆକ୍ରାନ୍ତଙ୍କ ଚିକିତ୍ସା କରୁଛନ୍ତି।

## ସଂକ୍ଷେପରେ

### ବିଜେଡିର ମିଶ୍ରଣ ପର୍ବ

ଗୁଣପୁର,୧୮।୪(ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ଗୁଣପୁରଠାରେ ଗୁରୁବାର ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ରଘୁନାଥ ଗମାଙ୍ଗ, ବିଜେଡି ରାଜ୍ୟ ସମ୍ପାଦକ ସୁଧୀର ଦାସ, କୋରାପୁଟ ଏମ୍‌ପି ପ୍ରାର୍ଥୀ କୌଶଲ୍ୟା ହିକ୍‌କା ଏବଂ ଯୁବ ନେତା ପିଙ୍କୁ ପଣ୍ଡାଙ୍କ ଉପସ୍ଥିତିରେ ଭାଜପାର ଜିଲା ସାଧାରଣ ସମ୍ପାଦକ ହରେକୃଷ୍ଣ ପାଢୀଙ୍କ ସମେତ ଅନ୍ୟ ନେତା ମାନେ ଦଳରେ ସାମିଲ ହୋଇଥିଲେ।

### ପ୍ରବଳ ତାତିରେ ବିଦ୍ୟୁତ୍‌କାଟ୍ ଯୋଗୁ ଜନ ଅସନ୍ତୋଷ

ଟିକିରି,୧୮।୪ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡା ଜିଲା କାଶୀପୁର ବ୍ଲକ୍‌ରେ ଦିନକୁ ଦିନ ଖରା ତାତି ବଢିବା ଲାଗିଛି। ଗୁରୁବାର କାଶୀପୁର ବ୍ଲକରେ ୩୯ ଡିଗ୍ରୀ ରହିଥିବାବେଳେ ଅସହ୍ୟ ଗରମରେ ଲୋକେ ଛଟପଟ ହେଉଛନ୍ତି। ଫଳରେ ଲୋକେ ଘରୁ ବାହାରକୁ ବାହାରିବା ମୁସ୍କିଲ ହୋଇପଡୁଛି। ଅନ୍ୟପକ୍ଷରେ ଗୋଟିଏ ପଟେ ଖରା ତାତି ଦାଉ ସାଜିଥିବା ବେଳେ ଅନ୍ୟପଟେ ବାରମ୍ବାର ବିଦ୍ୟୁତ୍‌କାଟ୍ ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ବିଦ୍ୟୁତ୍‌କାଟ ଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

### ଦୋକାନରୁ ଚୋରି ଅଭିଯୋଗ, ୨ ଗିରଫ



ଟିକିରି,୧୮।୪(ପ୍ରଫୁଲ୍ଲ କୁମାର ବେହେରା)

ତେଜରାତି ଦୋକାନର ଶଟର ଭାଙ୍ଗି ଚୋରି ଅଭିଯୋଗରେ କାଶୀପୁର ପୋଲିସ ବୁଧବାର ରାତିରେ ୨ ଜଣଙ୍କୁ ଗିରଫ କରିଛି। ତେବେ ଅନ୍ୟ ଜଣେ ଫେରାର ଅଛନ୍ତି। ଗିରଫ ୨ ଅଭିଯୁକ୍ତଙ୍କ ନିକଟରୁ ପୋଲିସ ୬,୨୦୦ଟଙ୍କା ସହ ଦୁଇଟି ମୋବାଇଲ ଓ ଗୋଟିଏ ଗାଡ଼ି ଜବତ କରିଛି। ଉଭୟଙ୍କ ନାଁରେ ଅଞ୍ଚଳରେ ଏକାଧିକ ଚୋରି ଅଭିଯୋଗ ରହିଛି। କାଶୀପୁର ଥାନାରେ ୯୦/୨୦୨୪ ମାମଲା ରୁଜୁକରି ଗୁରୁବାର କୋର୍ଟ ଚାଲାଣ କରାଯାଇଥିବା ତଦନ୍ତ ଅଧିକାରୀ ପ୍ରଶ୍ନ କୁମାର ସ୍ୱାଇଁ ଏକ ପ୍ରେସ୍ ମିଟ୍‌ରେ ସୂଚନା ଦେଇଛନ୍ତି। ପୋଲିସ ସୂଚନା ଅନୁଯାୟୀ, କାଶୀପୁର ଥାନା ଅନ୍ତର୍ଗତ କୁମ୍ଭାରସିଲ୍ଲା ଗ୍ରାମର ଏକ ତେଜରାତି ଦୋକାନରୁ ଗତ ୧୧ ତାରିଖ ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ କବାଟ ଭାଙ୍ଗି ସାମଗ୍ରୀ ସହ ଡ୍ରରେ ଥିବା ଟଙ୍କା ଚୋରି କରି ଫେରାର ହୋଇଯାଇଥିଲେ । ଏ ନେଇ ଗତ ୧୨ ତାରିଖରେ ଦୋକାନ ମାଲିକ କାଶୀପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଇନ୍ସପେକ୍ଟର ପି.କେ. ସ୍ୱାଇଁ ଓ ତାଙ୍କ ଟିମ୍ ଜଣଙ୍କୁ କୁମ୍ଭାରସିଲ୍ଲା ଗାଁରୁ ଗିରଫ କରିଥିବାବେଳେ ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ରାୟଗଡ଼ାରୁ ଗିରଫ କରିଛି ।

# ସୁନାବେଶରେ ଝଲସୁଛନ୍ତି ମା’ ମଝିଘରିଆଣୀ

## ମା’ ଙ୍କ ଚୈତ୍ରପର୍ବ ଆରମ୍ଭ

ରାୟଗଡ଼ା,୧୮।୪(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା’ ମଝିଘରିଆଣୀଙ୍କ ଚୈତ୍ରପର୍ବ ଗୁରୁବାରଠାରୁ ମହା ଆଡମ୍ବରରେ ଶୁଭାରମ୍ଭ ହୋଇଛି । ଏହି ଅବସରରେ ମା’ଙ୍କୁ ସୁନାବେଶରେ ସଜ୍ଜିତ କରାଯାଇଛି। ସ୍ଥାନୀୟ କୋଷାଗାରରେ ଥିବା ସୁନା ଓ ରୁପା ଅଳଙ୍କାର କଡ଼ା ସୁରକ୍ଷା ଭିତରେ ବୁଧବାର ଅଣାଯାଇ ମା’ଙ୍କୁ ସୁନାବେଶରେ ସଜ୍ଜିତ କରାଯାଇଛି। ମା’ଙ୍କ ଚୈତ୍ରପର୍ବ ଉପଲକ୍ଷେ ଆସନ୍ତା ବୁଧବାର ପର୍ଯ୍ୟନ୍ତ ବିଭିନ୍ନ ରୀତିନୀତିରେ ମା’ ମଝିଘରିଆଣୀଙ୍କ ପୂଜାର୍ଚ୍ଚନା କରାଯିବ। ପ୍ରଥମ ଦିନରେ ମଣ୍ଡଳ ବିନ୍ୟାସ ଆରମ୍ଭ କରାଯାଇ ଦୀକ୍ଷା ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାପରେ ସନ୍ଧ୍ୟାରେ ଜଳଯାତ୍ରା ଏବଂ ଅଙ୍କୁରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ନାଗାବଳୀ ନଦୀ କୂଳରେ ଥିବା ମା’ଙ୍କ ପାଦ ଅଣାଯିବା ପରେ ପୂଜା ଆରମ୍ଭ ହୋଇଛି। କେଉଁ କାଳରୁ ନାଗାବଳୀ କୂଳରେ ମା’ଙ୍କ ପାଦ ରହିଛି। କେବଳ ଚୈତ୍ରଯାତ୍ରା ଅବସରରେ ପାଦ ଅଣାଯିବା ପରମ୍ପରା ରହିଛି। ପାଦ ଆଣି ଅସ୍ଥାୟୀ ଗୃହରେ ସ୍ଥାପନ କରିବା ପରେ ହୋମ, ଯଜ୍ଞ ଆରମ୍ଭ ହୋଇଥାଏ। ବରିଷ୍ଠ ପୂଜକମାନେ ମା’ଙ୍କ ଏହି ପୂଜା କରିଥାନ୍ତି। ଶେଷ ଦିବସ ଅର୍ଥାତ୍ ୨୩ ତାରିଖରେ ମୂଳ ତଥା ମୁଖ୍ୟ ପୂଜକ ନିଆଁରେ ଚାଲିବା ସହିତ କଣ୍ଟା ଦୋଳିରେ ଝୁଲିଥାନ୍ତି। ଏହି ୫ ଦିନ ଧରି ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ମା’ଙ୍କ ଦର୍ଶନ ପାଇଁ ଆସିଥାନ୍ତି । ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ଛତିଶଗଡ଼ ରାଜ୍ୟରୁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୁଏ। ମା’ଙ୍କ ଚୈତ୍ରଯାତ୍ରା ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।



## ଭୋଟ ବର୍ଜନ ପାଇଁ ପୋଷ୍ଟର ଲଗାଇଲେ ମାଓବାଦୀ

ମାଲକାନଗିରି,୧୮।୪(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ ପୁଣି ମାଓବାଦୀଙ୍କ ପକ୍ଷରୁ ଭୋଟବର୍ଜନ ପାଇଁ ଧମକଦେଇ ବିଭିନ୍ନ ସ୍ଥାନରେ ପୋଷ୍ଟର ଲଗାଯାଇଥିବା ଦେଖିବାକୁ ମିଳିଛି। ସୁକୁମା ଜିଲା କେରଳାପେଦା ମତଦାନ କେନ୍ଦ୍ର ବାହାରେ ମାଓବାଦୀମାନେ ଭୋଟ ନ ଦେବାକୁ ଲୋକଙ୍କୁ ଚେତାବନୀ ଦେଇ ପୋଷ୍ଟର ଲଗାଇଛନ୍ତି। ବିଭିନ୍ନ ସ୍ଥାନରେ ମାଓବାଦୀ ବ୍ୟାନର ଓ ପୋଷ୍ଟର ଦେଖିବାକୁ ମିଳିଛି। ସୁକ୍‌ମା ଜିଲାର ଦୁର୍ଗମ ଅଞ୍ଚଳରେ ମାଓବାଦୀ ପୋଷ୍ଟର ମାରିବା ସହ ବ୍ୟାନରରେ ୨୮ତମ ଲୋକ ସଭା ନିର୍ବାଚନକୁ ବର୍ଜନ କରିବାକୁ ଆହ୍ୱାନ ଦେଇଛନ୍ତି। ଭୋଟ ମାଗିବାକୁ ଆସିଲେ କେନ୍ଦ୍ରର ଭାଜପା ଓ କଂଗ୍ରେସ ସରକାରଙ୍କୁ ବିରୋଧ କରିବାକୁ ମଧ୍ୟ ଏହି ପୋଷ୍ଟରରେ ଲେଖା ରହିଛି। ତେବେ ଏହାକୁ ନେଇ ଅଞ୍ଚଳରେ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଥିବା ବେଳେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି।

## ଯୁବକଙ୍କ ଆତ୍ମହତ୍ୟା

ଜୟପୁର, ୧୮।୪ (ପବନ ପାଣିଗ୍ରାହୀ)

ବେକରେ ଦଉଡି ବାନ୍ଧି ଜଣେ ଯୁବକ ଗୁରୁବାର ଆତ୍ମହତ୍ୟା କରିଛନ୍ତି। ସେ ହେଲେ କୋରାପୁଟ ଜିଲା ଜୟପୁର ସଦର ଥାନା ଅନ୍ତର୍ଗତ ବାରିଣିପୁଟର ଈଶ୍ୱର ପରଜା (୧୯) । ଏନେଇ ଖବର ପାଇ ସଦର ପୋଲିସ ପହଞ୍ଚି ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ପାରିବାରକ କଳହରୁ ଈଶ୍ୱର ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜଣାପଡିଛି।

# ସନ୍ଦେହଜନକ ଅବସ୍ଥାରେ ମହିଳାଙ୍କ ମୃତଦେହ ଜବତ

ଗୁଣପୁର, ୧୮।୪(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଗାଦିଆଖଳା ପଞ୍ଚାୟତ ଅନ୍ତର୍ଗତ ବାୟାଗୁଡା ଗ୍ରାମରେ ଗୁରୁବାର ସନ୍ଦେହଜନକ ଅବସ୍ଥାରେ ଜଣେ ମହିଳାଙ୍କ ମୃତଦେହ ଜବତ କରାଯାଇଛି । ମହିଳା ଜଣକ ବେକରେ ରସି ଲଗାଇ ଆତ୍ମହତ୍ୟା କରିଥିବା ପରିବାର ଲୋକେ କହିଛନ୍ତି। ମୃତା ମହିଳା ଜଣକ ହେଲେ ବାୟାଗୁଡା ଗ୍ରାମର ସୁରେନ୍ଦ୍ର ଶବରଙ୍କ ସ୍ତ୍ରୀ ସନ୍ତୋଷୀ ବାଉରୀ(୨୬)। ଗୁଣପୁର ଉପଖଣ୍ଡ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଗୁଣପୁର ଥାନା ଆଇଆଇସି ଉତ୍ତମ କୁମାର ସାହୁ ଘଟଣାର ତଦନ୍ତ କରିଛନ୍ତି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମହିଳାଙ୍କ ମୃତ୍ୟୁ କିପରି ହୋଇଛି ତାହା ଜଣାପଡ଼ିବ ବୋଲି ଆଇଆଇସି ସାହୁ କହିଛନ୍ତି । ଏ ନେଇ ପୋଲିସ ପକ୍ଷରୁ କେଶ ନଂ ୯୪/୨୪ରେ ଏକ ମାମଲା ରୁଜୁ କରି ସୁରେନ୍ଦ୍ରଙ୍କୁ ଅଟକ ରଖି ପଚରାଉଚରା ଚାଲୁ ରହିଥିବା ଆଇଆଇସି କହିଛନ୍ତି। ପାରିବାରିକ କଳହରୁ ଏପରି ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ସୂଚନଯୋଗ୍ୟ ଉଭୟେ ପ୍ରେମ ବିବାହ କରିଥିଲେ ଏଂ ସେମାନଙ୍କ ମଧ୍ୟରେ ଭଲ ସମ୍ପର୍କ ନ ଥିଲା ବୋଲି ଜଣାପଡିଛି ।

# ପ୍ରଥମ ଦିନରେ ନାମାଙ୍କନ ଶୂନ

ରାୟଗଡ଼ା,୧୮।୪(ଆଶିଷ ରଞ୍ଜନ ପଣ୍ଡା)

ଆଗାମୀ ସାଧାରଣ ନିର୍ବାଚନ ପାଇଁ ଗୁରୁବାରଠାରୁ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ରାୟଗଡ଼ା ବିଧାନସଭା ଆସନରେ ଗୁରୁବାର ପ୍ରଥମ ଦିନରେ କେହି ମଧ୍ୟ ନାମାଙ୍କନ ଦାଖଲ କରିନାହାନ୍ତି। କେବଳ ଗୋଟିଏ ନାମାଙ୍କନ ସେଟ୍ ବିକ୍ରି ହୋଇଥିବା ଉପଜିଲାପାଳ ତଥା ରିଟର୍ନିଂ ଅଫିସର କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ସେହିଭଳି ବିଷମକଟକ ନିର୍ବାଚନମଣ୍ଡଳୀ ପାଇଁ ମଧ୍ୟ କେହି ନାମାଙ୍କନ ଦାଖଲ କରିନାହାନ୍ତି। ରାୟଗଡ଼ା ନିର୍ବାଚନମଣ୍ଡଳୀ ପାଇଁ ଉପଜିଲାପାଳ ରିଟର୍ନିଂ ଅଫିସର ରହିଥିବା ବେଳେ ଚଳିତ ଥର ବିଷମକଟକ ପାଇଁ ଏହା ପରିବର୍ତ୍ତନ ହୋଇଛି। ପୂର୍ବରୁ ରହିଥିବା ଗୁଣପୁର ଉପଜିଲାପାଳ କ୍ଷେତ୍ରରେ ପରିବର୍ତ୍ତନକରି ଅତିରିକ୍ତ ଜିଲାପାଳଙ୍କୁ ରିଟର୍ନିଂ ଅଫିସର ଭାବେ ନିଯୁକ୍ତ କରିଛନ୍ତି ନିର୍ବାଚନ ଆୟୁକ୍ତ ।

# ପୋଷ୍ଟାଲ ବାଲାଟ ଭୋଟିଂ ବ୍ୟବସ୍ଥା ନେଇ ବୈଠକ

ରାୟଗଡ଼ା,୧୮।୪(ଆଶିଷ ରଞ୍ଜନ ପଣ୍ଡା)

ଆଗାମୀ ସାଧାରଣ ନିର୍ବାଚନରେ କିଭଳି ଶତ ପ୍ରତିଶତ ମତଦାନ ହୋଇପାରିବ ସେ ନେଇ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ମନୋଜ ସତ୍ୟଵାନ ମହାଜନଙ୍କ ନେତୃତ୍ୱରେ ବିଭିନ୍ନ ପ୍ରକାର ବୈଠକ ଓ ସଚେତନତା ଜାରି ରହିଛି । ନିର୍ବାଚନରେ କାର୍ଯ୍ୟରତ ଖବରଦାତାମାନେ ଖବର ପ୍ରସାରଣରେ ବ୍ୟସ୍ତ ରହିବେ । ତେଣୁ ଖବରଦାତାମାନେ ପୋଷ୍ଟାଲ ବାଲାଟ ମାଧ୍ୟମରେ କିଭଳି ନିଜର ମତଦାନ ସାବ୍ୟସ୍ତ କରିପାରିବେ ସେଥିପ୍ରତି ଗୁରୁତ୍ୱ ଦେଇଛନ୍ତି ନିର୍ବାଚନ ଆୟୋଗ । ଏ ନେଇ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଚିନ୍ତନ କକ୍ଷଠାରେ ଅତିରିକ୍ତ ଜିଲାପାଳ ତ୍ରିନାଥ ମାଝିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାରେ କାର୍ଯ୍ୟରତ ଖବରଦାତାମାନେ ଯୋଗଦେଇଥିଲେ । ପୋଷ୍ଟାଲ ବାଲାଟ ପାଇଁ ଆସନ୍ତା ୨୩ ତାରିଖ ସୁଦ୍ଧା ନିର୍ବାଚନ ଆୟୋଗ ପକ୍ଷରୁ ଦିଆଯାଇଥିବା ଫର୍ମ–୧୨(ଡି) ପୂରଣକରି ଅତିରିକ୍ତ ରିଟର୍ନିଂ ଅଫିସରଙ୍କ ନିକଟରେ ଦାଖଲ କରିବା ପରେ ଭୋଟ ଦେବା ପାଇଁ ଧାର୍ଯ୍ୟ ତାରିଖ ଓ ସୂଚନା ପ୍ରଦାନ କରାଯିବ। ଉକ୍ତ ଧାର୍ଯ୍ୟ ଦିନରେ ପୋଷ୍ଟାଲ ବାଲାଟ ପାଇଁ ଆବେଦନ କରିଥିବା ସାମ୍ବାଦିକମାନେ ନିଜ ନିର୍ବାଚନମଣ୍ଡଳୀର ରିଟର୍ନିଂ ଅଫିସରଙ୍କ ନିକଟରେ ନିଜର ମତଦାନ କରିପାରିବେ ବୋଲି ଅତିରିକ୍ତ ଜିଲାପାଳ ମାଝି ସୂଚନା ଦେଇଛନ୍ତି । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ଚିନ୍ମୟ ମହାପାତ୍ର ଏବଂ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ଉପସ୍ଥିତ ଥିଲେ ।



ବୈଠକରେ ଅତିରିକ୍ତ ଜିଲାପାଳ, ଡେପୁଟି କଲେକ୍ଟର ଏବଂ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଆଲୋଚନା କରୁଛନ୍ତି।

# ପ୍ରଥମ ଦିନରେ ୨ ନାମାଙ୍କନପତ୍ର କ୍ରୟ

ଗୁଣପୁର,୧୮।୪ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ମେ ୧୩ରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ଗୁଣପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି କ୍ରମରେ ନାମାଙ୍କନପତ୍ର ଦାଖଲ ସହ କ୍ରୟ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି। ପ୍ରାର୍ଥୀମାନେ ୨୫ ତାରିଖ ପର୍ଯ୍ୟନ୍ତ ଉପ ଜିଲାପାଳ ତଥା ରିଟର୍ନିଂ ଅଧିକାରୀ କିମ୍ବା ସହାୟକ ରିଟର୍ନିଂ ଅଧିକାରୀ ତହସିଲଦାରଙ୍କ ନିକଟରେ ସେମାନଙ୍କ ନାମାଙ୍କନ ପତ୍ର ଦାଖଲ କରିବେ। ୨୬ରେ ନାମାଙ୍କନ ପତ୍ର ଯାଞ୍ଚ କରାଯିବ ଏବଂ ୨୯ ଅପରାହ୍ନ ୩ଟା ମଧ୍ୟରେ ନାମାଙ୍କନ ପତ୍ର ପ୍ରତ୍ୟାହାର ପାଇଁ ଦିନ ଧାର୍ଯ୍ୟ ହୋଇଛି। ୧୩

### ୧୩ରେ ଭୋଟ ପାଇଁ ବିଜ୍ଞପ୍ତି ପ୍ରକାଶ

ସକାଳ ୭ଟାରୁ ଅପରାହ୍ନ ୫ଟା ମଧ୍ୟରେ ଭୋଟ ଗ୍ରହଣ ହେବ ବୋଲି କାର୍ଯ୍ୟସୂଚୀ ରହିଛି। ନିର୍ବାଚନ ପ୍ରକ୍ରିୟାର ପ୍ରଥମ ଦିନରେ ଦୁଇଟି ନାମାଙ୍କନପତ୍ର କ୍ରୟ ହୋଇଥିବା ସୂଚନା ପ୍ରଦାନ କରାଯାଇଛି। କଂଗ୍ରେସ ପ୍ରାର୍ଥୀ ସତ୍ୟଜିତ ଗମାଙ୍ଗ ଏବଂ ଅନ୍ୟ ଜଣେ ପ୍ରାର୍ଥୀ ରଶ୍ମିତା ଶବର ୨ଜଣ ନାମାଙ୍କନ ପତ୍ର କ୍ରୟ କରିଥିବାବେଳେ କୌଣସି ନାମାଙ୍କନ ପତ୍ର ଦାଖଲ ହୋଇନାହିଁ। ଗୁଣପୁର ନିର୍ବାଚନ ମଣ୍ଡଳୀରେ ୨୮୯ଟି ଭୋଟ ଗ୍ରହଣ କେନ୍ଦ୍ର ରହିଛି। ୨,୨୧,୪୯୫ ଭୋଟରଙ୍କ ମଧ୍ୟରୁ ୧,୧୪,୭୬୨ ମହିଳା ଏବଂ ୧,୦୬,୬୮୪ ପୁରୁଷ ଭୋଟର ସେମାନଙ୍କ ମତଦାନ କରିବେ।



ନାମାଙ୍କନପତ୍ର କ୍ରୟ ପାଇଁ ପ୍ରାର୍ଥୀ ରଶ୍ମିତା ଶବର ରିଟର୍ନିଂ ଅଧିକାରୀଙ୍କ ନିକଟରେ ଦରଖାସ୍ତ ଦେଉଛନ୍ତି।

# ନିର୍ବାଚନ ଖର୍ଚ୍ଚ ନେଇ ପର୍ଯ୍ୟବେକ୍ଷକଙ୍କ ସମୀକ୍ଷା



ସମୀକ୍ଷା ବୈଠକରେ ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକ ରାଜୀବ କୁମାର ଯୁଙ୍ଗକମ, ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ରାୟଗଡ଼ା,୧୮।୪(ଆଶିଷ ରଞ୍ଜନ ପଣ୍ଡା)

ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ରାୟଗଡା ଜିଲା ପାଇଁ ନିଯୁକ୍ତ ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକ ରାଜୀବ କୁମାର ଯୁଙ୍ଗକମ ଅଧ୍ୟକ୍ଷତାରେ ଗୁରୁବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାପାଳ ମନୋଜ ସତ୍ୟଵାନ ମହାଜନଙ୍କ ଉପସ୍ଥିତିରେ ନିର୍ବାଚନ ଖର୍ଚ୍ଚ ପରିଚାଳନା ଉପରେ ଆଲୋଚନା କରିଥିଲେ। ଚଳିତ ନିର୍ବାଚନକୁ ସ୍ୱଚ୍ଛ ଓ ଅବାଧ ଭାବେ ଆୟୋଜନ କରିବା ନିମନ୍ତେ ପ୍ରଶାସନ ତରଫରୁ କଡାକଡି ଯାଞ୍ଚ କରିବାକୁ ବିଭିନ୍ନ ସ୍କାର୍ଡ ଗଠନ କରାଯାଇଛି। ବିଶେଷକରି ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀ ଅର୍ଥ ବଳ ପ୍ରୟୋଗ କରି ପ୍ରଭାବିତ କରିବାର ସମ୍ଭବନାକୁ ଯାଞ୍ଚ କରିବା ନିମନ୍ତେ ଷ୍ଟାଷ୍ଟିକ ସର୍ଭେଲାନ୍ସ, ଫ୍ଲାଇଙ୍ଗ ସ୍କାର୍ଡ, ଭିଡ଼ିଓ ଭିୟୁଙ୍ଗ ଟିମ ଆଦି ଗଠନ କରାଯାଇଛି। ଏହି ଟିମର କାର୍ଯ୍ୟକ୍ରମ ଉପରେ ପର୍ଯ୍ୟବେକ୍ଷ ରାଜୀକ କୁମାର ସମୀକ୍ଷା କରିଥିଲେ। ଏଥିସହିତ ସମସ୍ତ ଟିମ୍ ସହଯୋଗିତା ଓ ଉତ୍ତମ ବୁଝାମଣାରେ କାମ କରିବାକୁ ଅନୁରୋଧ କରିଥିଲେ । ବୈଠକରେ ଜିଲାପାଳଙ୍କ ସମେତ ଅତିରିକ୍ତ ଜିଲାପାଳ (ସାଧାରଣ) ଭାସ୍କର ରଇତ, ଜିଲା ପରିଷଦ ମୁଖ୍ୟ ବିକାଶ ଅଧିକାରୀ ନିହାର ରଞ୍ଜନ କହଁର, ରାୟଗଡ଼ା ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ, ଡେପୁଟି କଲେକ୍ଟର ସୂର୍ଯ୍ୟମଣି ଭୋଇ, ସହକାରୀ ଜିଲାପାଳ ମୃତ୍ୟୁଞ୍ଜୟ ବରାଳ ଓ ଅନ୍ୟ ଅଧିକାରୀମାନେ ଯୋଗଦେଇଥିଲେ। ନିର୍ବାଚନ ଖର୍ଚ୍ଚ ପରିଚାଳନା ଦାୟିତ୍ୱରେ ଥିବା ନୋଡାଲ ଅଧିକାରୀ ତଥା ଜିଲା ପରିଷଦ ମୁଖ୍ୟ ବିକାଶ କାର୍ଯ୍ୟ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର ବିସ୍ତୃତ ଭାବରେ ପାୱାର ପଏଣ୍ଟ ମାଧ୍ୟମରେ ଜିଲାର ତଥ୍ୟ ଉପସ୍ଥାପନା କରିଥିଲେ । ବୈଠକରେ ସିଟି ଜିଏସଟି, ବିଡ଼ିଓ, ତହସିଲଦାର ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସ୍ଥାୟୀ ରାସ୍ତା ନିର୍ମାଣ ନ ହେଲେ ଭୋଟ ବର୍ଜନ ଚେତାବନୀ

ରାୟଗଡ଼ା,୧୮।୪(ଆଶିଷ ରଞ୍ଜନ ପଣ୍ଡା)

ରାସ୍ତା ସମସ୍ୟା ସମାଧାନ ନ ହେଲେ ଭୋଟ ବର୍ଜନ କରିବେ ବୋଲି ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଚେତାବନୀ ଦେଇଛନ୍ତି ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ସିଙ୍ଗାରି ପଞ୍ଚାୟତ ଖରଯୋଡ଼ା ଗ୍ରାମବାସୀ। ଜିଲାପାଳ ମନୋଜ ସତ୍ୟଵାନ ମହାଜନ ନିର୍ବାଚନ କାର୍ଯ୍ୟରେ ବ୍ୟସ୍ତ ଥିବା କାରଣରୁ ଗ୍ରାମବାସୀ ଅତିରିକ୍ତ ଜିଲାପାଳ ତ୍ରିନାଥ ମାଝିଙ୍କୁ ଭେଟି ନିଜର ଅଭିଯୋଗ ଜଣାଇଛନ୍ତି। ଏ ନେଇ କଲ୍ୟାଣସିଂହପୁର ତହସିଲଦାରଙ୍କ ସହ ଆଲୋଚନାକରି ସମସ୍ୟାର ସମାଧାନ କରାଯିବ ବୋଲି ଅତିରିକ୍ତ ଜିଲାପାଳ ମାଝି ପ୍ରତିଶ୍ରୁତି ଦେଇଛନ୍ତି। ଯଦି ପ୍ରଶାସନ ପକ୍ଷରୁ ରାସ୍ତା ସମସ୍ୟା ସମାଧାନକରି ସେଠାରେ ସ୍ଥାୟୀ ପକ୍କା ରାସ୍ତା ନିର୍ମାଣ ନ ହୁଏ ତେବେ ଗ୍ରାମବାସୀ ସମୂହ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ଚଲାପଥ ଏକ ବସ୍ତି ଜାଗା। ଏହି ଜାଗାକୁ ପୂର୍ବରୁ ଝଲକରାୟ ମହାନନ୍ଦିଆ ଜବରଦଖଲ କରିଥିଲେ। କିନ୍ତୁ ସେତେବେଳେ ଗ୍ରାମବାସୀଙ୍କ ସହ ଆଲୋଚନା ପରେ ଉକ୍ତ ଜାଗାକୁ ମୃତ ଝଲକ ରାୟ ରାସ୍ତା ପାଇଁ ଛାଡ଼ିଦେଇଥିଲେ। ହେଲେ ଏବେ ମୃତ ଝଲକରାୟଙ୍କ ପୁଅ ଖଗ ମହାନନ୍ଦିଆ ପୁଣି ସେହି ରାସ୍ତାକୁ ମାଡ଼ିବସି ସେଠାରେ ଘର ନିର୍ମାଣ କରୁଛନ୍ତି। ରାସ୍ତା ଛାଡ଼ିବା ପାଇଁ ଖଗଙ୍କୁ ବହୁବାର ଗ୍ରାମବାସୀ ଅନୁରୋଧ କରିଥିଲେ ମଧ୍ୟ ସେ ଶୁଣୁନାହାନ୍ତି । ତେଣୁ ଏ ନେଇ କଲ୍ୟାଣସିଂହପୁର ଥାନା ଓ ତହସିଲଦାରଙ୍କୁ ମଧ୍ୟ ଗ୍ରାମବାସୀ ଜଣାଇଥିଲେ । ପୋଲିସ କିମ୍ବା ପ୍ରଶାସନ କେହି କର୍ଣ୍ଣପାତ କଲେ ନାହିଁ । ତେବେ ମୁଖ୍ୟ ରାସ୍ତାକୁ ସଂଯୋଗ ପାଇଁ ଏହି ଜମି ହିଁ ଏକମାତ୍ର ସଂଯୋଗପଥ ରହିଥିବା ବେଳେ ବର୍ତ୍ତମାନ ଖଗ ସେଠାରେ ଘର ନିର୍ମାଣ କରିବା ପାଇଁ ରାସ୍ତା ବନ୍ଦ କରିଦେଇଥିବାରୁ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ ବାଧ୍ୟହୋଇ ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଗ୍ରାମବାସୀ କହିଛନ୍ତି। ଅତିରିକ୍ତ ଜିଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ ସମୟରେ ଗିରିଧର କରକରିଆ, ସତ୍ୟ ହିଆଲ, ରାମକୃଷ୍ଣ ନାଏକ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।



ଜିଲାପାଳଙ୍କ କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

